# ଆଦିବାସୀ ମେଳାରେ ଲମ୍ତାପୁଟିଆ ଖାଦ୍ୟ ପସରା

ଆଦିବାସୀ ମେଳାରେ ଖାଦ୍ୟର ସ୍ୱତନ୍ତ୍ର ଆକର୍ଷଣ ମେଳାକୁ ଆସୁଥିବା ଲୋକମାନଙ୍କୁ ସ୍ୱତଃ ଟାଣି ଆଣେ । ଚଳିତ ବର୍ଷ ମଧ୍ୟ ମେଳାରେ ଖାଦ୍ୟ ବଜାର ଖୋଲାଯାଇଛି । ବିଗତ ବର୍ଷର ଅନୁଭୂତିକୁ ନେଇ ଚଳିତ ବର୍ଷ ଖାଦ୍ୟ ବଜାରରେ ୧୬ ଗୋଟି ଷ୍ଟଲ ଖୋଲାଯାଇଛି । ବାରିପଦା ମୁଢ଼ି ମାଂସ, କଟିଂବରା, ଚଣା ମସଲା, ଲେଟ, ପିଠା, କାକରା, ଆରିସା ବ୍ୟତୀତ ଚଳିତ ବର୍ଷ କୋରାପୁଟ ଜିଲ୍ଲାରୁ ଲମ୍ତାପୁଟିଆ ଖାଦ୍ୟ ପସରା ଖୋଲା ହୋଇଛି । କୋରାପୁଟ ଜିଲ୍ଲାର ଲମ୍ତାପୁଟ ଅଚଂଳ କୃଷି, ଉଦ୍ୟାନ କୃଷିରେ ଅଗ୍ରଣୀ । ଏଠାରେ ଗଦବା, ପାରେଙ୍ଗା, ପରଜା, କନ୍ଧ, ଜାତାପୁ, କଣ୍ଡାଦୋରା, କଟିଆ ପ୍ରମୁଖ ଜନଜାତି ବାସ କରୁଛନ୍ତି । ମାଛକୁଣ୍ଡ ଜଳଭଣ୍ଡାର ଦ୍ୱାରା ଜଳସେଚିତ ଜମିରେ ଏଠାକାର ଜନଜାତି, କୃଷି ଓ ଉଦ୍ୟାନ କୃଷିରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଆସୁଛନ୍ତି । ପାରଂପରିକ ଦେଶଜ ଶସ୍ୟକୁ ସାଇତି ରଖିବା, ଜୈବିକ ସାର ପ୍ରୟୋଗ କରି ଅଧିକ ଉତ୍ପାଦନକ୍ଷମ କରାଇବା ଏମାନଙ୍କର ନିଶା ଓ ପେଶା । ସେହି ସବୁ ଶସ୍ୟ ସମ୍ଭାରରୁ ପ୍ରସ୍ତୁତ ଖାଦ୍ୟପସରା ମେଳିଛି ଆଦିବାସୀ ମେଳାରେ । ଡକରୀଦେବୀ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପ୍ରସ୍ତୁତ କରିଛନ୍ତି ହଳଦୀ ରୂପା ଚାଉଳ (ଅରୁଆ) ସହ ଡ଼ଙ୍ଗରାଣୀ, ବିରି, କାନ୍ଦୁଲ, ମୁଗ, ଝଟା, କୁଟସେମି, ଜୁଡୁଙ୍ଗ ସମ୍ମିଶ୍ରଣରେ ଖେଚୁଡ଼ି । ଏହି ଖେଚୁଡ଼ି ସ୍ୱତନ୍ତ୍ର ଭାବେ ପୌଷ ପୂର୍ଣ୍ଣିମା ଦିନ ଛେର୍ ଛେରା ପାଳନ ଅବସରରେ ପ୍ରସ୍ତୁତ କରାଯାଏ । ଏହା କୋରାପୁଟିଆଙ୍କର ଅତିପ୍ରୀୟ ଖାଦ୍ୟ । ଖେଚୁଡ଼ି ସହ ଦେଶୀ କୁକୁଡ଼ା ମାଂସ ଝୋଳର ସ୍ୱାଦ ନିଆରା ।

ଏହା ସାଙ୍ଗକୁ ମାଣ୍ଡିଆ ଦେଶୀଗୁଡ଼, କାଜୁ ମିଶ୍ରିତ ଅଣ୍ଡ଼ରା (ମାଣ୍ଡିଆ ପିଠା), ମାଣ୍ଡିଆ ଗୁଣ୍ଡରୁ ପ୍ରସ୍ତୁତ ମାଣ୍ଡୁରୁ, ଏକ ପ୍ରକାର ଉପମା ସହ ଦେଶି କୁକୁଡ଼ା ମାଂସର ଝୋଳ ଏହି ଷ୍ଟଲରେ ଆକର୍ଷଣର କେନ୍ଦ୍ର ପାଲଟିଛି । ଅହେତୁକ ଉତ୍ସୁକତା ଓ ଆଗ୍ରହର ସହ ସ୍ୱାଦ ପରଖୁଛନ୍ତି ମେଳାକୁ ବୁଲି ଆସିଥିବା ଖାଦ୍ୟପ୍ରୀୟ ଟୁରିଷ୍ଟ । ବିଶେଷତଃ ଡାଇବେଟିସ୍, ବ୍ଲଡ଼ପ୍ରେସର ରୋଗୀଙ୍କ ପାଇଁ ଏହି ଖାଦ୍ୟର ଆକର୍ଷଣ ରହିଛି । ଖାଦ୍ୟ ବଜାରର ସୁଆଦିଆ ଖାଦ୍ୟ ସାଙ୍ଗକୁ ମେଳାର ମଉଜ ଆଜିର ରବିବାରକୁ ଉଷ୍ମ କରି ତୋଳିଛି ।

ଆଜି ସଂଧ୍ୟାରେ ଅନୁଷ୍ଠିତ ନୃତ୍ୟ ମଧ୍ୟରେ କୋରାପୁଟ ଅଂଚଳର ରିଞ୍ଜୋଡ଼ି, ଢ଼େମ୍ସା, କାଠିନାଚ, ସାଙ୍ଗକୁ କନ୍ଧ ନୃତ୍ୟ, ଡ଼ଙ୍ଗରିଆ କନ୍ଧ ନୃତ୍ୟ ତଥା ବଞ୍ଜାରାମାନଙ୍କ ନୃତ୍ୟ ଦର୍ଶକମାନଙ୍କୁ ଭରପୁର ଆନନ୍ଦ ଯୋଗାଇଛି ।